ମୁଖ୍ୟ ଖବର

About Us | Feedback | Guestbook | Contact Us

Tuesday,25 Oct 2005

Search

**ଖବର**

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

**ରବିବାର**

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

**Classified**

- Matrimonials
- Appointments

- Entertainment
- Subscriptions
- Advertisements

## ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ : ୩୦ରେ କୋଲକାତାରେ ଶୁଭ ଦିଆଯିବ

ଓଡ଼ିଶାବାସୀଙ୍କ ଦୁର୍ଭାଗ୍ୟ -- ଭୁବନେଶ୍ୱର (ଭୁ.ପ୍ର)-ଭୁବନେଶ୍ୱରରୁ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନର ଶାଖା ଉଠାଇ ନିଆଯିବା ଘଟଣାରେ ରାଜନୈତିକ ନେତାମାନଙ୍କ ନୀରବତା ରାଜ୍ୟବାସୀ ତଥା ବୁଦ୍ଧିଜୀବୀମାନଙ୍କ ପାଇଁ ଦୁଃଖର କାରଣ ହୋଇଛି । ଗତ ଏନ୍‌ଡିଏ ସରକାର ଅମଳରେ ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଶାଖା ଖୋଲିବା ନିଷ୍ପତ୍ତି ହୋଇଥିଲା; କିନ୍ତୁ ବର୍ତ୍ତମାନର ଉପା ସରକାର ଏଥିରେ ପରିବର୍ତ୍ତନ କରି ଭୁବନେଶ୍ୱର ପରିବର୍ତ୍ତେ କଲକାତାରେ ଏହାକୁ ଖୋଲିବା ପାଇଁ ନିଷ୍ପତ୍ତି ନେଲେ । ଏତେବଡ଼ ରାଜ୍ୟ ବିରୋଧୀ ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଣି ମଧ୍ୟ ନଥିଲେ 'ସମାଜ' ହିଁ ପ୍ରଥମେ (ଅଗଷ୍ଟ ୧୭, ୧୮ ଓ ୧୯ତାରିଖରେ) ଏ ସମ୍ପର୍କରେ ଲଗାତାର ରିପୋର୍ଟ ପ୍ରକାଶ କରି ରାଜ୍ୟ ସ୍ୱାର୍ଥ ପାଇଁ ନବୀନ ସରକାରଙ୍କୁ ଜଣାଇବା ଲାଗି ଉଦ୍ୟମ କରିଥିଲେ । ଆଶାକରାଯାଉଥିଲା ଯେ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତିର ଦୃଢ଼ ବିରୋଧ କରିବେ; କିନ୍ତୁ ଚିରାଚରିତ ଢଙ୍ଗରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠିଟିଏ ଲେଖିଦେଇ ତାଙ୍କର ଦାୟିତ୍ୱ ତୁଟାଇଦେଲେ । ପୂର୍ବରୁ ଶତାଧିକ କ୍ଷେତ୍ରରେ ନବୀନ କେନ୍ଦ୍ରକୁ ପତ୍ର ଲେଖିଆସିଛନ୍ତି; କିନ୍ତୁ କୌଣସି ପତ୍ରର ପ୍ରଭାବ କେନ୍ଦ୍ର ଉପରେ ପଡ଼ିନାହିଁ । ନିଜ ଭାବମୂର୍ତ୍ତି ସମ୍ପର୍କରେ ଅଧିକ ଚିନ୍ତିତ ଥିବା ମୁଖ୍ୟମନ୍ତ୍ରୀ ରାଜ୍ୟର ସ୍ୱାର୍ଥକୁ ଏବେ ରଖିଲେ କେଉଁଠି ? ୧୦୦ କୋଟି ଟଙ୍କାର ଏହି ପ୍ରକଳ୍ପ ଓଡ଼ିଶାରୁ ଉଠିଗଲା । ଆସନ୍ତା ୩୦ ତାରିଖରେ ଏହାର ଶିଳାନ୍ୟାସ ଦିଆଯିବ କଲକାତାରେ; ଅଥଚ ୨ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିର କି ଉତ୍ତର ମିଳିଲା ତାହା ରାଜ୍ୟବାସୀ ଜାଣିପାରିଲେ ନାହିଁ । ମୁଖ୍ୟମନ୍ତ୍ରୀ ରାଜ୍ୟବାସୀ ଓ ବିରୋଧୀଦଳକୁ ସାଙ୍ଗରେ ନେଇ କାହିଁକି କେନ୍ଦ୍ର ବିରୋଧରେ ପ୍ରତିବାଦ କଲେନାହିଁ ତାହାର ଉତ୍ତର ଦେବ କିଏ ? ଅପରପକ୍ଷରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଓ ସହଯୋଗୀ ସିପିଆଇ, ସିପିଏମ୍ ଓ ଜନତାଦଳ(ଏସ୍) ଏ ସମ୍ପର୍କରେ ନିରବ ରହିବା ରାଜ୍ୟବାସୀଙ୍କୁ ଆଚମ୍ବିତ କରିଛି । ମୁଖ୍ୟମନ୍ତ୍ରୀ କଂଗ୍ରେସର ଦୋଷ ମଧ୍ୟ ଦେଇପାରିବେ ନାହିଁ । କାରଣ ବାଜପେୟୀ ସରକାରଙ୍କ ଅମଳରେ ଖୋର୍ଦ୍ଧାର ସିଜୁଆଠାରେ ଏମ୍‌ସ (ଅଖିଳ ଭାରତୀୟ ଆୟୁବିଜ୍ଞାନ ପ୍ରତିଷ୍ଠାନ) ଖୋଲିବା ପାଇଁ ଖୋଦ୍ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ ଦେଇଥିଲେ; କିନ୍ତୁ ତାହା ଏପର୍ଯ୍ୟନ୍ତ ଦିବାଲୋକ ଦେଖିପାରିଲାନାହିଁ । ମୁଖ୍ୟମନ୍ତ୍ରୀ ପତ୍ରଟିଏ ଲେଖିଦେଇ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିଥିଲେ । କେନ୍ଦ୍ର ପାଖରେ ଓଡ଼ିଶାର ନେତୃତ୍ୱରସ୍ୱର ଅତି ଦୁର୍ବଳ ହୋଇପଡ଼ିଥିବାର କାରଣ ପାରାଦ୍ୱୀପରେ ଏପର୍ଯ୍ୟନ୍ତ ତୈଳ ବିଶୋଧନାଗାର ପ୍ରତିଷ୍ଠା ହୋଇପାରିଲାନାହିଁ । ଏବେ ୧୦୦ କୋଟି ଟଙ୍କାର ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ କଟା ଘା'ରେ ଚୂନ ଦେଲାଭଳି କଲକାତାକୁ ଉଠିଗଲା ।












The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)